**THE SAMAJ -** Dated: 27-Aug-2009

# ‘ବିପିଏଲ ତାଲିକାରୁ ବିତ୍ତଶାଳୀଙ୍କ ନାମ ବାଦଦେଲେ ସମ୍ମାନ ରକ୍ଷା ହେବ’

ଆଠଗଡ଼, (ନି.ପ୍ର) : ବିପିଏଲ ତାଲିକାରେ ରହିଥିବା ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିଙ୍କ ନାଁ କାଟିଦେଲେ ସେମାନଙ୍କର ସମ୍ମାନ ଓ ସ୍ୱାଭିମାନ ବୃଦ୍ଧି ଘଟିବ ବୋଲି ଆଜି ଏକ ଦିନିକିଆ ନରସିଂହପୁର ଗସ୍ତରେ ଆସି କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅଶୋକ କୁମାର ମୀନା ମତବ୍ୟକ୍ତ କରିଛନ୍ତି । ଆଠଗଡ଼ ଉପଖଣ୍ଡ ଅଧୀନସ୍ଥ ନରସିଂହପୁର ବ୍ଲକ ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିବା ସହିତ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ବିଭିନ୍ନ ଆଞ୍ଚଳିକ ସମସ୍ୟା ସମ୍ପର୍କରେ ଶ୍ରୀ ମୀନା ଆଲୋଚନା କରି ଉପରୋକ୍ତ ମତବ୍ୟ ଦେବାସହ ଖୁବଶୀଘ୍ର ହେବାକୁ ଯାଉଥିବା ବିପିଏଲ ସର୍ଭେକୁ ନିରପେକ୍ଷ ଓ ନିର୍ଭୁଲ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## କେନ୍ଦ୍ରାଞ୍ଚଳ ଆରଡିସିଙ୍କ ସମୀକ୍ଷା ବୈଠକ

ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ମୀନା ନରସିଂହପୁର ବ୍ଲକରେ ପହଞ୍ଚିବା ପରେ ପୁଲିସ ବାହିନୀ ପକ୍ଷରୁ ତାଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଇଥିଲା । ଏହି ବ୍ଲକର ବିଭିନ୍ନ ଉନ୍ନୟନମୂଳକ ଯୋଜନା, ସାମାଜିକ ନିରାପତ୍ତା ଯୋଜନା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଓ ସାଧାରଣ ଯୋଗାଣ ବ୍ୟବସ୍ଥା ସହିତ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଏହି ବ୍ଲକର ସମୁଦାୟ ୩୦ ହଜାର ପରିବାର ମଧ୍ୟରୁ ୨୧ ହଜାର ୪୫୫ ପରିବାରକୁ ବିପିଏଲ ତାଲିକାଭୁକ୍ତ କରାଯାଇଥିବା ବେଳେ ସେଥିମଧ୍ୟରୁ ୪ ହଜାର ୪୩୧ଟି ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ଏବଂ ୨୪୫ଟି ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ସମ୍ପୂର୍ଣ୍ଣ ଗ୍ରାମୀଣ ସ୍ୱରୋଜଗାର ଯୋଜନାରେ ୨୦୦୮-୦୯ ବର୍ଷ ମଧ୍ୟରେ ୩୯୫ ଜଣଙ୍କୁ ସହାୟତା ପାଇଁ ଲକ୍ଷଧାର୍ଯ୍ୟ କରାଯାଇଥିବା ବେଳେ ୪୨୯ ଜଣଙ୍କୁ ଏଥିରେ ସହାୟତା ଋଣ ଯୋଗାଇ ଦିଆଯିବା ସହିତ ବ୍ଲକରେ ମୋଟ ୧୦୪୮ଟି ଏସଏଚଜି ଗଠନ କରାଯାଇ ବ୍ୟାଙ୍କ ସହିତ ସଂଲଗ୍ନ କରାଯାଇଛି । ରାଜ୍ୟ ବାର୍ଦ୍ଧକ୍ୟଭତ୍ତା ଯୋଜନାରେ ୪୦୧୪ ଜଣଙ୍କୁ, ଭିନ୍ନକ୍ଷମ ଭତ୍ତା ୮୨୪ ଏବଂ ଜାତୀୟ ବାର୍ଦ୍ଧକ୍ୟଭତ୍ତା ଯୋଜନାରେ ୧୫୩୨ ଜଣଙ୍କୁ ସାମିଲ କରାଯାଇ ଭତ୍ତା ପ୍ରଦାନ କରାଯାଉଛି । ଜାତୀୟ ପରିବାର କଲ୍ୟାଣ ଯୋଜନାରେ ୨୦୦୮-୦୯ ବର୍ଷରେ ୫୮ଟି ପରିବାରକୁ ସହାୟତା ପ୍ରଦାନ କରାଯାଇଥିବା ବେଳେ ୨୦୦୯-୧୦ ବର୍ଷ ପାଇଁ ୯୫ଟି ଦରଖାସ୍ତ ହସ୍ତଗତ ହୋଇଛି, ସେଗୁଡ଼ିକ ତୁରନ୍ତ ମଞ୍ଜୁର କରି ସହାୟତା ପ୍ରଦାନ କରିବାକୁ ଉପସ୍ଥିତ ଭାରପ୍ରାପ୍ତ ଉପଜିଲାପାଳ ଅଶୋକକୁମାର ବରାଳଙ୍କୁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଥିଲେ । ପାଇଖାନା ଓ ପିଇବାପାଣି ସୁବିଧା ନ ଥିବା ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସମ୍ପୂର୍ଣ୍ଣ ପରିମଳ ଯୋଜନା ମାଧ୍ୟମରେ ଏହି ସୁବିଧା ଯୋଗାଇ ଦେବାକୁ ବିଡ଼ିଓ ଦେବରାଜ ପଣ୍ଡାଙ୍କୁ ଆରଡିସି ନିର୍ଦ୍ଦେଶ ଦେଇଥିଲେ । କ୍ୟାସବୁକରେ ବ୍ଲକର ଅଧିକ ଅଗ୍ରିମ ପ୍ରଦାନ କରାଯାଇଥିବାରୁ ଏକ କମିଟି ଗଠନକରି ତୁରନ୍ତ ଏ ସବୁର ଫଇସଲା କରିବା ପାଇଁ ଶ୍ରୀ ମୀନା ପରାମର୍ଶ ଦେଇଥିଲେ । ଜାତୀୟ କର୍ମନିଯୁକ୍ତି ଯୋଜନାରେ ୧,୬୮,୭୯୭ ଶ୍ରମ ଦିବସ ମାଧ୍ୟମରେ ୮୦ ଲକ୍ଷ ୨୮ ହଜାର ଟଙ୍କା ବିନିଯୋଗ କରାଯାଇଥିବା ଦେଖି ଆରଡିସି ଶ୍ରୀ ମୀନା ସନ୍ତୋଷ ପ୍ରକାଶ କରିଥିଲେ । ଉକ୍ତ ଯୋଜନା ମାଧ୍ୟମରେ ଅଧିକ ଅର୍ଥ ଏହି ବ୍ଲକକୁ ଯୋଗାଇ ଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଜଗେଶ୍ୱରଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ତହସିଲଦାର ସୁରେଶଚନ୍ଦ୍ର ପ୍ରଧାନ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ । ବ୍ଲକର ସମସ୍ତ ନିର୍ବାଚିତ ପ୍ରତିନିଧି ଉପସ୍ଥିତଥିବା ବେଳେ ବିପିଇଓ ବିକାଶ ପ୍ରଧାନ ସମୀକ୍ଷା ବୈଠକରେ ସଂଯୋଜନା କରିଥିଲେ । ଏହି ଅବସରରେ ଆରଡିସି ଶ୍ରୀ ମୀନା ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ଏହାର ଆଶୁ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।